ସମ୍ବାଦ
ଭୁବନେଶ୍ୱର
୧୩ ଜୁନ୍, ୨୦୧୯
୧୬

# ଆଇସିଏଆଇରେ ଜିଏସ୍‌ଟି କର୍ମଶାଳା

ଭୁବନେଶ୍ୱର, ୧୨/୬(ଇମିସ): ଦି ଇନଷ୍ଟିଚ୍ୟୁଟ୍ ଅଫ୍ କଷ୍ଟ ଆକାଉଣ୍ଟାଣ୍ଟସ୍ (ଆଇସିଏଆଇ) ଭୁବନେଶ୍ୱର ଚାପ୍ଟର ପକ୍ଷରୁ ଜିଏସ୍‌ଟି ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହାର ବିଷୟବସ୍ତୁ ଥିଲା 'ଜିଏସ୍‌ଟି-ଆନୁଆଲ୍ ରିଟର୍ଣ୍ଣ ଆଣ୍ଡ୍ ଅଡିଟ୍'। ଓଡ଼ିଶା ଜିଏସ୍‌ଟିର ସ୍ୱତନ୍ତ୍ର ଆୟୁକ୍ତ ଆନନ୍ଦ ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ଟ୍ୟାକ୍ସ କନେକ୍ଟ ଆଡଭାଇଜରିର ବିବେକ ଜଲାନ୍ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ଜିଏସ୍‌ଟିର ବିଭିନ୍ନ ଦିଗ ଉପରେ ଆଲୋଚନା କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଆଇସିଏଆଇ ଭୁବନେଶ୍ୱର ଚାପ୍ଟରର ଅଧ୍ୟକ୍ଷ ଶକ୍ତିଧର ସିଂହ, ସମ୍ପାଦକ ହିମୋଜ ମିଶ୍ର, ପରିଚାଳନା କମିଟିର ସଦସ୍ୟ ତାପସ ରଞ୍ଜନ ସ୍ୱାଇଁ, ଉପାଧ୍ୟକ୍ଷ ସାନ୍ତନୁ କୁମାର ରାଉତ, ସଦସ୍ୟ ଆଶୁତୋଷ ଦେବତା, ଅଜୟ କୁମାର ସାମଲ, ସୂର୍ଯ୍ୟ ନାରାୟଣ ତ୍ରିପାଠୀ ଓ ପ୍ରବଣ କୁମାର ବେହେରା ଉପସ୍ଥିତ ଥିଲେ। ଏହି କର୍ମଶାଳାରେ ୨୦୦ରୁ ଅଧିକ କଷ୍ଟ ଆକାଉଣ୍ଟାଣ୍ଟ ଅଂଶଗ୍ରହଣ କରିଥିଲେ।

Scanned by CamScanner